# REGIONAL NEWS UNIT, AIR CUTTACK
## Mid-day Bulletin (2.32PM)
### 10 March - 2025
### News Editor : Tapan Kumar Maharana
*********************************

## ମୁଖ୍ୟ ସମ୍ବାଦ

- ସଂସଦର ବଜେଟ୍ ଅଧିବେଶନର ଆଜି ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ
- ରାଜ୍ୟ ବିଧାନସଭାରେ ଆଜି ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ପ୍ରସଙ୍ଗ ନେଇ ଗୃହରେ ହଟ୍ଟଗୋଳ

– ବର୍ତ୍ତମାନ ସୁଦ୍ଧା ୩ ହଜାର ୭୩୮ ଜଣ ବାଂଲାଦେଶ ଅନୁପ୍ରବେଶକାରୀ ଚିହ୍ନଟ ହୋଇଥିବା ଗୃହରେ ମୁଖ୍ୟମନ୍ତ୍ରୀଙ୍କ ସୂଚନା

- ଶିଳ୍ପର ପ୍ରଗତି ସହିତ ପରିବେଶଗତ ସନ୍ତୁଳନ ଜରୁରୀ ବୋଲି କହିଲେ ରାଜ୍ୟପାଳ

ଏବଂ

- ରାଜ୍ୟରେ ବୃଦ୍ଧି ପାଉଛି ଜଙ୍ଗଲ ନିଆଁ; ଓଡ଼ିଶା ଦେଶରେ ଦ୍ୱିତୀୟ

***Desk***

# ପାର୍ଲ୍ୟାମେଣ୍ଟ– ବଜେଟ୍ ସେସନ୍

ସଂସଦର ବଜେଟ ଅଧିବେଶନର ଆଜି ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହୋଇଛି । ବିଭିନ୍ନ ପ୍ରସଙ୍ଗକୁ ନେଇ ବିରୋଧୀ ଦଳଗୁଡ଼ିକ ହଟ୍ଟଗୋଳ କରିବା ସହ କକ୍ଷତ୍ୟାଗ କରିଥିଲେ।

ଆଜି ଉଭୟ ଗୃହକାର୍ଯ୍ୟ ଆରମ୍ଭ ହେବା ପରେ ମଣିପୁର ଏବଂ ଜାମ୍ମୁରେ ଆଭ୍ୟନ୍ତରୀଣ ସୁରକ୍ଷା ବ୍ୟବସ୍ଥା, ତାମିଲନାଡୁରେ ରେଳପ୍ରକଳ୍ପ ପାଇଁ ଅନୁଦାନ, ସୀମା ନିର୍ଦ୍ଧାରଣ ଏବଂ ଷ୍ଟକ୍ ମାର୍କେଟ୍ କ୍ଷତି ସଂପର୍କିତ ପ୍ରସଙ୍ଗ ଉପରେ ଆଲୋଚନା ଦାବି କରି ବିରୋଧୀ ସଦସ୍ୟମାନେ ହଟ୍ଟଗୋଳ କରିଥିଲେ ।

ଏହି ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନ ଆସନ୍ତାମାସ ୪ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ବେଳେ ଏଥିରେ ୨୦ଟି ବୈଠକ ବସିବ । ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ମଣିପୁର ପାଇଁ ଆଜି ବଜେଟ୍ ଉପସ୍ଥାପନ କରିବେ । ଏହି ଅଧିବେଶନ କାଳରେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଅନୁଦାନ ଦାବି ଏବଂ ଆନୁସଙ୍ଗିକ ବିଲ୍ ବ୍ୟୟମଂଜୁରୀ ଉପରେ ଆଲୋଚନା ଓ ମତଦାନ ହେବ ।

*Assembly*

# ବିଧାନସଭା- ଇଣ୍ଟ୍ରୋ

ରାଜ୍ୟ ବିଧାନସଭାର ବଜେଟ୍ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟର ଦ୍ୱିତୀୟ ଦିନ ଗୃହକାର୍ଯ୍ୟ ଆଜିଠାରୁ ଆରମ୍ଭ ହୋଇଛି। ଗୃହକାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ କଂଗ୍ରେସର ବିଧାୟକମାନେ ବାହାରେ ଧାରଣା ଦେବା ସହ ମହିଳା ନିର୍ଯାତନା ଓ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ଆଦି ପ୍ରସଙ୍ଗକୁ ନେଇ ହଟ୍ଟଗୋଳ କରିଥିଲେ। ତେବେ ଗୃହକାର୍ଯ୍ୟ ଆରମ୍ଭ ହେବା ପରେ ମୁଖ୍ୟମନ୍ତ୍ରୀଙ୍କ ଅନୁପସ୍ଥିତିରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ’ ପୂର୍ବତନ ମନ୍ତ୍ରୀ ଅନନ୍ତ ଦାସଙ୍କ ବିୟୋଗରେ ଶୋକପ୍ରସ୍ତାବ ଆଗତ କରିଥିଲେ। ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଏବଂ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ ଶୋକପ୍ରସ୍ତାବକୁ ସମର୍ଥନ କରିଥିଲେ। ଦିବଂଗତ ନେତାଙ୍କ ବିୟୋଗରେ ସଦସ୍ୟମାନେ ଏକ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ। ହଟ୍ଟଗୋଳ ପାଇଁ ଗୃହ କାର୍ଯ୍ୟ ଅଚଳ ହେବାରୁ ବାଚସ୍ପତି ସୁରମା ପାଢ଼ି ଗୃହକୁ ୧୨ଟା ୯ ମିନିଟ୍ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ। ଏହାପରେ ପୁନର୍ବାର ଗୃହକୁ ଦିନ ଗୋଟାଏ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରାଯାଇଥିଲା।

**BBSR/R**

# ବିଧାନସଭା-୧

ରାଜ୍ୟରେ ଜାନୁଆରୀ ମାସରେ ୧୧୧ଟି ହତ୍ୟା ଘଟଣା, ୨୦ଟି ଡକାୟତ ଏବଂ ୧ ହଜାର ୫୦୯ଟି ଚୋରି, ୧୦୧ ଦଙ୍ଗା, ୧୯୪ଟି

ସାଇବର ଅପରାଧ ଓ ୬୫୫ଟି ଅସଦାଚାରଣ ମାମଲା ପଞ୍ଜୀକୃତ ହୋଇଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ସଦସ୍ୟ ରମେଶ ବେହେରାଙ୍କ ପ୍ରଶ୍ନର ଉତ୍ତରରେ ଗତ ବର୍ଷ ୧ ହଜାର ୨୫୮ଟି ହତ୍ୟା, ୩୫୬ଟି ଡକାୟତି ଏବଂ ୧୭ ହଜାର ୮୦୫ଟି ଚୋରି ମାମଲା ପଞ୍ଜୀକୃତ ହୋଇଥିବା ଗୃହରେ ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି ।

***BBSR/R***

## ବିଧାନସଭା-୨

ରାଜ୍ୟର ଗତ ୩ ବର୍ଷରେ ୨ ହଜାର ୬୪ ଜଣ ପାଣିରେ ବୁଡ଼ି ପ୍ରାଣ ହରାଇଛନ୍ତି । ବିଧାନସଭାରେ ବିଧାୟକ ଓମ୍ ପ୍ରକାଶ ମିଶ୍ରଙ୍କ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ମୃତକଙ୍କ ମଧ୍ୟରେ କଟକରେ ସର୍ବାଧିକ ୨୫୨ ଜଣଙ୍କ ପାଣିରେ ବୁଡ଼ି ମୃତ୍ୟୁ ହୋଇଛି । ମୟୂରଭଞ୍ଜ ଜିଲ୍ଲାରେ ୨୫୧, କୋରାପୁଟରେ ୨୦୭, ନବରଙ୍ଗପୁରରେ ୧୦୨ ଜଣ ପାଣିରେ ବୁଡ଼ି ମୃତ୍ୟୁବରଣ କରିଥିବା ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଗୃହରେ ସୂଚନା ଦେଇଛନ୍ତି ।

***BBSR/R***

## ବିଧାନସଭା-୩

ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୩ ହଜାର ୭୩୮ ଜଣ ବାଂଲାଦେଶୀ ଅନୁପ୍ରବେଶକାରୀ ଚିହ୍ନଟ ହୋଇଥିବା ଆଜି ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରକାଶ କରିଛନ୍ତି । ଏ ସମ୍ପର୍କିତ ପ୍ରଶ୍ନର ଲିଖିତ ଉତ୍ତରରେ ଭଦ୍ରକ ଜିଲ୍ଲାରେ ୧୯୯, କେନ୍ଦ୍ରାପଡ଼ାରେ ୧ ହଜାର ୬୪୯,

ଭୁବନେଶ୍ୱରରେ ୧୭, ଜଗତସିଂହପୁରରେ ୧ ହଜାର ୧୧୨, ମାଲକାନଗିରିରେ ୬୫୫, ନବରଙ୍ଗପୁରରେ ୧୦୬ ଜଣ ବାଂଲାଦେଶୀ ଅନୁପ୍ରବେଶକାରୀ ଚିହ୍ନଟ ହୋଇଥିବା ସୂଚନା ଦିଆଯାଇଛି। ଗତ ୧୦ ବର୍ଷରେ ୪୧ ଜଣ ବାଂଲାଦେଶୀଙ୍କ ନାମରେ ଅପରାଧିକ ମାମଲା ରୁଜୁ ହୋଇଥିବା ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି।

***BBSR/R***

## ବିଧାନସଭା-୪

୨୦୨୨-୨୩ ରୁ ୨୪-୨୫ ତିନୋଟି ଆର୍ଥିକ ବର୍ଷରେ ୧୦୩ଟି ଔଷଧକୁ ନିମ୍ନମାନର ଘୋଷଣା କରାଯାଇଥିବା ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଆଜି ବିଧାନସଭାରେ ସୂଚନା ଦେଇଛନ୍ତି। ଓଡ଼ିଶାକୁ ବାହାର ରାଜ୍ୟରୁ ନକଲି ଔଷଧ ଆସୁଥିବା ନେଇ ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି, ବଜାରରେ ଜିଙ୍କ୍ ସଲଫେଟ୍, ସୋଡ଼ିୟମ ଲାକ୍ଟେଡ୍, ହେପ୍ରେନ୍ ସୋଡ଼ିୟମ ଇଞ୍ଜେକସନ୍ ଭଳି ନିମ୍ନମାନର ଔଷଧ ଧରାପଡ଼ିଛି। ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, କଲିକତା ଓ ହାଇଦ୍ରାବାଦ ଆଦି ରାଜ୍ୟରୁ ଏହି ଔଷଧ ଓଡ଼ିଶାକୁ ଆସୁଥିବା ମନ୍ତ୍ରୀ ଶ୍ରୀ ମହାଲିଙ୍ଗ କହିଛନ୍ତି। ଏ ନେଇ ୪ ଜଣ ଯୋଗାଣକାରୀଙ୍କ ସମେତ ସେହି ସମସ୍ତ କମ୍ପାନୀଙ୍କୁ କଳା ତାଲିକାଭୁକ୍ତ କରାଯାଇଛି।

*Desk*

# ରାଜ୍ୟପାଳ

ଶିଳ୍ପର ପ୍ରଗତି ସହିତ ପରିବେଶଗତ ସନ୍ତୁଳନ ଜରୁରୀ ବୋଲି ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି କହିଛନ୍ତି । ବରମୁଣ୍ଡା ବିଜୁ ପଟ୍ଟନାୟକ ପ୍ରଦର୍ଶନୀ ପଡ଼ିଆରେ ଆୟୋଜିତ ଓଡ଼ିଶା ମାଇନିଂ ଏକ୍ସପୋର୍ଟ ଓ କନ୍‌କ୍ଲେଭ୍‌ର ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇ ରାଜ୍ୟପାଳ କହିଛନ୍ତି, ରାଜ୍ୟରେ ନିଯୁକ୍ତି, ଭିତ୍ତିଭୂମି ଏବଂ ଶିଳ୍ପ ପ୍ରଗତିରେ ଖଣି ଅର୍ଥନୈତିକ ଗୁରୁତ୍ୱ ବହନ କରୁଛି । ଦେଶରେ ସମ୍ପଦ ଚାଳିତ ବିକାଶରେ ଲୁହାପଥର, ବକ୍ସାଇଟ୍, କୋଇଲା, ମାଙ୍ଗାନିଜ୍ ଏବଂ କ୍ରୋମାଇଟ୍ କ୍ଷେତ୍ରରେ ଓଡ଼ିଶା' ଏକ ପ୍ରମୁଖ ରାଜ୍ୟ ଭାବରେ ନିଜକୁ ସ୍ଥାନିତ କରିଛି । ରାଜ୍ୟପାଳ ଖଣି କାର୍ଯ୍ୟକ୍ରମ କ୍ଷେତ୍ରରେ ଓଡ଼ିଶାର ନେତୃତ୍ୱ ପ୍ରତି ସନ୍ତୋଷ ପ୍ରକାଶ କରି କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେ ଏକ ଉତ୍ପାଦନକ୍ଷମ, ଦକ୍ଷ ଏବଂ ସାମାଜିକ ଦାୟିତ୍ୱବୋଧ ଥିବା ଖଣି କ୍ଷେତ୍ର ପାଇଁ ସାମୂହିକ ଭାବେ କାର୍ଯ୍ୟ କରିବାକୁ ସମସ୍ତ ଅଂଶୀଦାରମାନଙ୍କୁ ରାଜ୍ୟପାଳ ଆହ୍ୱାନ ଦେଇଥିଲେ ।

*Desk*

# ଜଙ୍ଗଲ ନିଆଁ

ରାଜ୍ୟରେ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି । ମାଲକାନଗିରି, ନବରଙ୍ଗପୁର, ସୁନାବେଡ଼ା, କଳାହାଣ୍ଡି, ରାୟଗଡ଼ା, ସୁନ୍ଦରଗଡ଼, ବାଲିଗୁଡ଼ା ଓ ଆଠମଲ୍ଲିକ ବନଖଣ୍ଡରେ ନିଆଁ ଲାଗିଥିବା ଜଣାପଡ଼ିଛି । କେନ୍ଦ୍ର

ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟର ତଥ୍ୟ ଅନୁସାରେ ଗତ ୨ ତାରିଖରୁ ଏବେ ସୁଦ୍ଧା ଓଡ଼ିଶାରେ ଦେଶର ଦ୍ୱିତୀୟ ସର୍ବାଧିକ ଜଙ୍ଗଲ ନିଆଁ ତଥ୍ୟ ରେକର୍ଡ ହୋଇଛି। ଜଙ୍ଗଲ ନିଆଁ ଯୋଗୁଁ ହଜାର ହଜାର ହେକ୍ଟର ଜଙ୍ଗଲ ଜମି ନଷ୍ଟ ହେବା ସହ ମୂଲ୍ୟବାନ ଗଛ ଏବଂ ବନ୍ୟଜନ୍ତୁଙ୍କ ଜୀବନହାନୀ ଘଟୁଛି। ନିଆଁ ଲିଭାଇବା କାର୍ଯ୍ୟରେ ବନବିଭାଗର କର୍ମଚାରୀମାନେ ନିୟୋଜିତ ଅଛନ୍ତି। ଏ ସମ୍ପର୍କରେ ସୂଚନା ଦେଇ ଜଙ୍ଗଲ, ପରିବେଶ ଓ ଜଳବାୟୁ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ କହିଛନ୍ତି...

**- V/O –**

***Desk***

# ପି.ଜି ପ୍ରବେଶିକା ପରୀକ୍ଷା

ରାଜ୍ୟରେ ସ୍ନାତକୋତ୍ତର ପାଠ୍ୟକ୍ରମରେ ନାମଲେଖା ପାଇଁ ଏକକ ପି.ଜି ପ୍ରବେଶିକା ପରୀକ୍ଷା ସିପେଟ୍ ଲାଗି ଆଜିଠାରୁ ଆବେଦନ ପ୍ରକ୍ରିୟାର ଆରମ୍ଭ ହୋଇଛି । ୧୧୬ଟି ଶିକ୍ଷାନୁଷ୍ଠାନର ୧୨ହଜାର ୯୮୧ଟି ଆସନ ନିମନ୍ତେ ସାମ୍ସ ଜରିଆରେ ଆବେଦନ କରୁଛନ୍ତି । ଆବେଦନର ଶେଷ ତାରିଖ ମାର୍ଚ୍ଚ ୨୮ତାରିଖ ଥିବାବେଳେ ମେ’ ୪ରୁ ୧୮ତାରିଖ ମଧ୍ୟରେ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ ।

*Desk*

## ଫିନ୍‌ଟେକ୍ ନୀତି

ରାଜ୍ୟରେ ଅର୍ଥନୈତିକ ଏବଂ ସାମାଜିକ ବିକାଶରେ ଫିନ୍‌ଟେକ ଫାର୍ମଗୁଡ଼ିକରେ ଯୋଗଦାନ ବଢ଼ାଇବା ଲାଗି ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି । ଆଗାମୀ ଦିନରେ ଓଡ଼ିଶା ନୂଆ ଫିନଟେକ୍ ନୀତି ଆଣିବ ବୋଲି ରାଜ୍ୟ ଅର୍ଥନୈତିକ ସର୍ଭେ ରିପୋର୍ଟରେ କୁହାଯାଇଛି । ଫିନ୍‌ଟେକ ଇକୋ ସିଷ୍ଟମକୁ ସୁଦୃଢ଼ୀକରଣ କରିବା ଦିଗରେ ଟେକ୍ନୋଲୋଜି କମ୍ପାନୀ, ନିବେଶକ, ପାରମ୍ପରିକ ଆର୍ଥିକ ପ୍ରତିଷ୍ଠାନ ଆଦି କ୍ଷେତ୍ରର ଅଂଶୀଦାରଙ୍କ ମଧ୍ୟରେ ଯୋଗସୂତ୍ର ରକ୍ଷା କରିବ ବୋଲି ରିପୋର୍ଟରେ କୁହାଯାଇଛି । ଫିନଟେକ୍ କମ୍ପାନୀଗୁଡ଼ିକର ଲାଇସେନ୍ସ, ପୁଞ୍ଜି ଆବଶ୍ୟକତା, ପ୍ରୋତ୍ସାହନ, ସବ୍‌ସିଡି ଭଳି ଦିଗଗୁଡ଼ିକରେ ମଧ୍ୟ ଷ୍ଟାର୍ଟ-ଅପ୍‌କୁ ହ୍ୟାଣ୍ଡ ହୋଲ୍ଡିଂ ସୁବିଧା ଯୋଗାଇ ଦିଆଯିବ । ରାଜ୍ୟରେ ଡାଟାସେଣ୍ଟରର ଉନ୍ନତିକରଣ, ଷ୍ଟେଟ୍ ୱାଇଡ୍ ଏରିଆ ନେଟୱର୍କ ଦ୍ୱାରା ଫିନଟେକ୍ କ୍ଷେତ୍ର ଅପରେସନ୍‌ର ମୂଳଭିତ୍ତି ହେବାକୁ ଯାଉଛି । ପଞ୍ଚାୟତସ୍ତରରେ ଭାରତ ନେଟ୍ ଅପ୍ଟିକାଲ ଫାଇବର୍ ସମ୍ପ୍ରସାରଣ ମଧ୍ୟ ଡିଜିଟାଲ ନେଣଦେଣକୁ ପ୍ରୋତ୍ସାହିତ କରିବ ବୋଲି ସର୍ଭେ ରିପୋର୍ଟରେ କୁହାଯାଇଛି ।

*Desk*

## ଫଗୁ ଦଶମୀ

ରାଜ୍ୟର ବିଭିନ୍ନ ସ୍ଥାନରେ ଦୋଳଯାତ୍ରା ଆରମ୍ଭ ହୋଇଛି । ଗତକାଲି ଫଗୁ ଦଶମୀ ଅବସରରେ ପୁରୀ ଶ୍ରୀମନ୍ଦିରରେ ଶ୍ରୀଜୀଉମାନଙ୍କର ଚାଚେରୀ

ବେଶ ଅନୁଷ୍ଠିତ ହୋଇଥିଲା । ଆସନ୍ତା ଚତୁର୍ଦ୍ଦଶୀ ତିଥି ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଚାଚେରୀ ବେଶରେ ମହାପ୍ରଭୁ ରକ୍ତବସ୍ତ୍ର ପରିଧାନ କରିବା ସହ ବିଭିନ୍ନ ଅଳଙ୍କାରରେ ସଜ୍ଜିତ ହେବାର ପରମ୍ପରା ରହିଛି । ଆସନ୍ତା ୧୪ ତାରିଖରେ ଦୋଳପୂର୍ଣ୍ଣିମା ଦିନ ଶ୍ରୀବିଗ୍ରହମାନଙ୍କର ସୁନାବେଶ ଅନୁଷ୍ଠିତ ହେବ ।

ଆଜି ଏକାଦଶୀ ତିଥିରେ ଶ୍ରୀଲିଙ୍ଗରାଜ ମହାପ୍ରଭୁ, ମା' ପାର୍ବତୀ, ମା' ଦୁର୍ଗା ଓ ଶ୍ରୀ ବସୁଦେବଙ୍କ ଚଳନ୍ତି ପ୍ରତିମା ମନ୍ଦିରରୁ ବାହାରି ବିଭିନ୍ନ ସ୍ଥାନକୁ ଭୋଗ ଖାଇବା ଲାଗି ଯାତ୍ରା କରିବେ ।

***Ganjam***

## ଶିକ୍ଷାନୀତି

ଗଞ୍ଜାମ ଜିଲ୍ଲା କନିସିସ୍ଥିତ ଦିବାକର ପଟ୍ଟନାୟକ ଉଚ୍ଚତର ଶିକ୍ଷା ଗବେଷଣା ପ୍ରତିଷ୍ଠାନରେ 'ଜାତୀୟ ଶିକ୍ଷାନୀତି-୨୦୨୦ର ସୁଯୋଗ ଓ ଆହ୍ୱାନ' ଶୀର୍ଷକ ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ବାଣିଜ୍ୟ ଓ ପରିବହନ ବିଭାଗ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଉଦ୍ଭାବନ, ଉନ୍ମେଷ, ଉତ୍କର୍ଷତା ହେଉଛି ଭାରତୀୟ ଜ୍ଞାନ ପରମ୍ପରାର ଉତ୍ସର୍ଗୀକୃତ ଉତ୍ସ ଶିକ୍ଷାର ଶୈକ୍ଷିକ ମୂଲ୍ୟବୋଧକୁ ଜାଣିବା, ବୁଝିବା ଓ ପ୍ରୟୋଗ କରିବା ହିଁ ପ୍ରକୃତ ଶିକ୍ଷା ବୋଲି କହିଛନ୍ତି ।

***Desk***

# ସପ୍ତମ ଜାତୀୟ ମାଷ୍ଟର୍ସ କ୍ରୀଡ଼ା

ମାଷ୍ଟର୍ସ ଗେମ୍‌ସ ଫେଡେରେସନ ଅଫ୍ ଇଣ୍ଡିଆ ପକ୍ଷରୁ ରାଉରକେଲାର ବିର୍ସାମୁଣ୍ଡା ଷ୍ଟାଡିୟମରେ ଆୟୋଜିତ ସପ୍ତମ ଜାତୀୟ ମାଷ୍ଟର୍ସ କ୍ରୀଡ଼ାରେ ରାଜ୍ୟର ସରିତା ମିଶ୍ର ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଜିତିଛନ୍ତି । ମହିଳା ୪୫ ବର୍ଷରୁ ଊର୍ଦ୍ଧ୍ୱ ୧୫ଶହ ମିଟର ଦୌଡ଼ରେ ସେ ପ୍ରଥମ ହୋଇଥିବାବେଳେ ୫ହଜାର ମିଟର ଦୌଡ଼ରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି ।

***Desk***

# ତାପମାତ୍ରା

ରାଜ୍ୟରେ ଆସନ୍ତା ୪ ଦିନ ମଧ୍ୟରେ ତାପମାତ୍ରା ୩ ରୁ ୫ ଡିଗ୍ରୀ ସେଲସିୟସ୍ ବୃଦ୍ଧି ପାଇବା ନେଇ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ଓଡ଼ିଶାର ୬ଟି ଜିଲ୍ଲା ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ସୋନପୁର, ବୌଦ୍ଧ ଓ ବଲାଙ୍ଗିର ଜିଲ୍ଲାରେ ତାପମାତ୍ରା ବୃଦ୍ଧି ନେଇ ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ମଧ୍ୟ ସତର୍କ ସୂଚନା ଜାରି କରାଯାଇଛି। ଗ୍ରୀଷ୍ମ ପ୍ରବାହର ମୁକାବିଲା ଲାଗି ପ୍ରସ୍ତୁତ ରହିବା ପାଇଁ ସବୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ବରିଷ୍ଠ ନାଗରିକ, ଅସୁସ୍ଥ ବ୍ୟକ୍ତି, ଶିଶୁମାନେ ଖରାରେ ବାହାରକୁ ନ ବାହାରିବା ପାଇଁ ପରାମର୍ଶ ଦିଆଯାଇଛି। ସୁରକ୍ଷା ଅଧିକ ଧ୍ୟାନ ଦେବାକୁ ଜନସାଧାରଣଙ୍କୁ ପରାମର୍ଶ ଦିଆଯାଇଛି। ଗତକାଲି ବୌଦ୍ଧରେ ସର୍ବାଧିକ

ତାପମାତ୍ରା ୩୮ ଦଶମିକ ୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ଟିଟିଲାଗଡରେ ୩୮ଡିଗ୍ରୀ ସେଲସିୟସ ତାପମାତ୍ରା ରେକର୍ଡ କରାଯାଇଥିଲା ।